
ବିନ୍ଦାସ କ୍ଲବ୍ (ଢେ଼ଙ୍କିକୋଟ)


ସାମନ୍ତରାପୁର ଶାସନ(କେନ୍ଦୁଝର)


ଡିଏଫ୍‌ଓ କାର୍ଯ୍ୟାଳୟ(କେନ୍ଦୁଝର)


ଶାସ୍ତ୍ରୀ ନଗର(ଯୋଡ଼ା)


ବଡ଼ବିଲ କୋର୍ଟ ପରିସର


ସାଇରାମ କ୍ଲବ୍(ପାଟଣା)

# ଆକର୍ଷିତ କରୁଛି ମୁଗୁନି ପଥର ସଦୃଶ ଗଣେଶ ମୂର୍ତ୍ତି



**କେନ୍ଦୁଝର,୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ୍‌ରେ ଶନିବାର ଗଣେଶ ଚତୁର୍ଥୀ ଅବସରରେ ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ନୀତିକାନ୍ତି ସମ୍ପନ୍ନ ହୋଇଛି। ପୁରପଲ୍ଲୀରେ ଅଗ୍ରପୂଜ୍ୟ ଗଜାନନଙ୍କ ଆରାଧନା କରାଯାଉଛି। ପ୍ରତିଯୋଗିତା ଭାବେ ବିଭିନ୍ନ ସମିତି ପକ୍ଷରୁ ଭିନ୍ନ ମୂର୍ତ୍ତି ଗଢ଼ାଯାଇଛି। କେନ୍ଦୁଝର ସହର ରାସ ପୂଜା ମାର୍କେଟର ଗଣେଶ ପୂଜା କମିଟିରେ ମୁଗୁନି ପଥର ସଦୃଶ ପ୍ରାୟ ୧୦ ଫୁଟର ଗଣେଶ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରୁଛି। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପୂଜା ପାଳନ କରାଯାଇଆସୁଛି। ସଭାପତି ଶଙ୍କର୍ଷଣ ସାହୁ ଓ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମାର୍କେଟର ସମସ୍ତ ବ୍ୟବସାୟୀ, ବରିଷ୍ଠ ସଦସ୍ୟ କୈଳାଶ ଚନ୍ଦ୍ର ପଣ୍ଡା, ଗୋପାଳ କୃଷ୍ଣ ପରିଡ଼ାଙ୍କ ପରାମର୍ଶରେ ପୂଜା ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହୋଇ ଆସୁଛି। ଦୀର୍ଘ ପ୍ରାୟ ୧୫ ବର୍ଷ ହେଲା ଘଷିପୁରା ବ୍ଲକ୍ ଅଞ୍ଚଳର ପ୍ରମୋଦ କୁମାର ସାହୁ ମୂର୍ତ୍ତି ଗଢୁଛନ୍ତି। ପ୍ରତ୍ୟେକ ବର୍ଷ ମୂର୍ତ୍ତି ନିର୍ମାଣ ଭିନ୍ନ ପ୍ରକାରରେ କରିଥାନ୍ତି। ମାର୍ବଲ, ପିତଳ ପରେ ଚଳିତ ବର୍ଷ ମୁଗୁନି ପଥର ରଙ୍ଗରେ ନିର୍ମାଣ ହୋଇଛି। ଆଗରୁ ୬ରୁ ୭ ହଜାର ଟଙ୍କାରେ ମୂର୍ତ୍ତି ଗଢ଼ାଯାଉଥିଲା। ଏବେ ଏହା ୭୦ ହଜାର ଟଙ୍କାରେ ପହଞ୍ଚିଛି। ୧୦ ରୁ ୧୨ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଲୋକାଲ ଅଞ୍ଚଳରୁ ମାଟି ଆଣି ମୂର୍ତ୍ତି ଗଢ଼ାଯାଇଥାଏ। ମାଟିରେ ପ୍ରସ୍ତୁତ ହୋଇଥିଲେ ହେଁ ଦେଖିଲେ ମୁଗୁନି ପଥରରେ ନିର୍ମାଣ ହୋଇଥିବାର ଭ୍ରମ ସୃଷ୍ଟି କରୁଛି। ପାଖାପାଖି ୩ ଲକ୍ଷ ଖର୍ଚ୍ଚରେ ଅନୁଷ୍ଠିତ ହେଉଥିବା ଅନ୍ୟତମ ଆୟୋଜକ ସରୋଜ କୁମାର ସାହୁ କହିଛନ୍ତି। ସୋମବାର ବିସର୍ଜନ କାର୍ଯ୍ୟକ୍ରମ ଥିବା ବେଳେ ପ୍ରତ୍ୟେକ ଦିନ ଭଜନ ସମାରୋହ ଏବଂ ପ୍ରସାଦ ସେବ ବ୍ୟବସ୍ଥା ରହିଛି।

# ମହିଳା ସହକର୍ମୀଙ୍କ ଅଶାଳୀନ ବ୍ୟବହାର, ଜଣେ ଗିରଫ

**ବଡ଼ବିଲ,୭।୯(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ନ୍ୟୁ-ମାର୍କେଟସ୍ଥିତ 'ଷ୍ଟାର-ସୁ' ନାମକ ଏକ ଜୋତା ଦୋକାନରେ ଜଣେ ମହିଳା ସହ-କର୍ମୀଙ୍କ ସହ ଅଶାଳୀନ ବ୍ୟବହାର ଅଭିଯୋଗ ହୋଇଛି। ବଡବିଲ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ନାଲଦା ଅଞ୍ଚଳରେ ରହୁଥିବା ଏମ୍‌ଡି ୟୁସୁଫ ଖାନ(୫୪)। ସୂଚନା ଅନୁଯାୟୀ, ଜୋତା ସୋରୁମରେ ପୁରୁଷ କର୍ମଚାରୀ ୟୁସୁଫ ଜଣେ ମହିଳା କର୍ମଚାରୀଙ୍କ ସହ କିଛି ଦିନ ହେଲା ଅଶାଳୀନ ବ୍ୟବହାର କରୁଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିଆସୁଥିଲେ। ଶୁକ୍ରବାର ସକାଳ ପ୍ରାୟ ୯ଟା ୩୦ ରେ ମାଲିକ ନ ଥିବା ସମୟରେ ପୁରୁଷ କର୍ମଚାରୀ ଅଶାଳୀନ ବ୍ୟବହାର କରିବାରୁ କୌଣସି ମତେ ନିଜକୁ ଛଡାଇ ନେଇ ମହିଳା କର୍ମଚାରୀ ଜଣକ ଦୋକାନ ବାହାରକୁ ପଳାଇଥିଲେ। ଏ ନେଇ ଦୋକାନ ମାଲିକଙ୍କୁ ଅବଗତ କରି ଶନିବାର ବଡବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବଡବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲି କହିଛନ୍ତି, ଏକ ମାମଲା(ନଂ.୨୭୨/୨୦୨୪)ରୁଜୁ ହୋଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇଛି।

# ରେଳ ସାଇଡିଂରେ ଗୁଟ୍‌କା ପ୍ୟାକିଂକୁ ନେଇ ଗଣ୍ଡଗୋଳ

**ଯୋଡ଼ା,୭।୯(ମାନସ ମହାନ୍ତି)**

**ସଂଘବଦ୍ଧ ଆକ୍ରମଣ, ଫାଙ୍କା ଗୁଳି ଚାଳନା**

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବଂଶପାଣି ରେଳ ସାଇଡିଂରେ ଗୁଟ୍‌କା ପ୍ୟାକିଂକୁ ନେଇ ଅଶାନ୍ତି ଦେଖାଯାଇଛି। ଘଟଣାକୁ ନେଇ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସ୍ଥାନୀୟ ଯୁବକମାନେ ସଂଘ ବଦ୍ଧ ହୋଇ ବିନୟ ପରମାଣିକଙ୍କ ଘର ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିନୟ ଶୋଇଥିବା ସମୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବକ ବସ୍ତିର ଜଣେ ଯୁବକଙ୍କୁ ମାଡ ମାରିବା ପରେ ତାଙ୍କ ଘରକୁ ଆସି କବାଟ, ଝରକା କାଚ ଭଙ୍ଗା ରୁଜା କରିଥିଲେ। ପରିବାର ସଦସ୍ୟ ଭୟରେ ବାହାରକୁ ବାହାରି ନ ଥିଲେ। ତାଙ୍କ ବଡ଼ ପୁଅ ଉକ୍ତ ରେଳ ସାଇଡିଂରେ ଗୁଟ୍‌କା ପ୍ୟାକିଂ(ଭାଙ୍ଗି ଯାଇଥିବା ରେଳ ଡବାରେ ପେଞ୍ଚ ପକାଇ ବନ୍ଦ କରିବା) କାର୍ଯ୍ୟ କରନ୍ତି। ଏହାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇ ଥିବା ବିନୟ କହିଥିଲେ। ଗୁଟ୍‌କା ପ୍ୟାକିଂ କାର୍ଯ୍ୟକୁ କେନ୍ଦ୍ର କରି ୨୦୧୩ରେ ତାଙ୍କ ପୁତୁରା ସୁଶିଲ ପର ମାଣିକଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ଜେଲରୁ ଆସିବା ପରେ ପୁନର୍ବାର ଏହି ଘଟଣା ଭିଆଉ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି କାର୍ଯ୍ୟକୁ ନେଇ ଛକାପଞ୍ଝା ଲାଗି ରହିଛି। ଏକ ଗୋଷ୍ଠୀ ବସ୍ତି ଅଞ୍ଚଳରେ ଆତଙ୍କ ରାଜ ସୃଷ୍ଟି କରିବା ସହିତ ଫାଙ୍କା ଗୁଳି ଚାଳନା କରି ଭୟଭୀତ କରାଇଥିବା ନାମକୁ ଗୋପନରେ ରଖି କିଛି ଲୋକ କହିଛନ୍ତି।

# ଛୁରିରେ ଆକ୍ରମଣ କରି ଡ୍ରାଇଭରଙ୍କଠାରୁ ଲୁଟ

**ଯୋଡ଼ା,୭।୯(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଟାଟା ଷ୍ଟିଲ ଫେରୋ ପ୍ଲାଣ୍ଟର ପଛ ପାର୍ଶ୍ୱ ଗେଟ୍ ନଂ ୨ ରେ ଦୁର୍ବୃତ୍ତ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଛୁରିରେ ଆକ୍ରମଣ କରି ମୋବାଇଲ, ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର୍ ପ୍ରାୟ ୫.୧୫ ମିନିଟ ସମୟରେ ଡ୍ରାଇଭର ଶିବ କୁମାର ସିଂ ଗାଡ଼ି (ନଂ.ୟୁପି ୭୩ ଟି ୨୨୯୧)କୁ ବୋଝେଇ ନିମନ୍ତେ ଛିଡ଼ା କରିଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଆସି ଗାଡ଼ିର କବାଟ ଖୋଲି ଭିତରକୁ ପଶିଥିଲେ। ଡ୍ରାଇଭରଙ୍କୁ ଛୁରି ମାରି ତାଙ୍କ ଠାରୁ ନଗଦ ୨ ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲେ। ଡ୍ରାଇଭର ଗାଡ଼ିରୁ ତଳକୁ ଡେଇଁ ଚିତ୍କାର କରିବାରୁ ଦୁର୍ବୃତ୍ତ ଫେରାର ହୋଇ ଯାଇଥିଲେ। ଏ ନେଇ ଡ୍ରାଇଭର ଯୋଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତ। ପୋଲିସ ଏକ ମାମଲା (ନଂ.୨୪୮/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।


ବାରିପଦା ତୁଳସୀ ଚଉରା ମଣ୍ଡପ।


ଉଦଳା


ଚିତ୍ରଡ଼ା ଫ୍ରେଣ୍ଡ୍ସ ୟୁନିୟନ କ୍ଲବ୍(ମୋରଡ଼ା)

# କୂଅରେ ପଡ଼ି ଶିଶୁପୁତ୍ର ମୃତ

**ଛେଣ୍ଡିପଦା,୭।୯(ଅଜିତ ଧଳ)**



ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁର ଟାଙ୍ଗର ସାହିରେ ଶନିବାର କୂଅରେ ପଡ଼ି ଶତ୍ରୁଘ୍ନ ପରିଡ଼ାଙ୍କ ୫ ବର୍ଷର ପୁତ୍ର ସୌମ୍ୟରଞ୍ଜନ ପରିଡ଼ାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଟାଙ୍ଗରସାହିରେ ଗଣେଶ ପୂଜା ଚାଲିଥିବାବେଳେ ସୌମ୍ୟରଞ୍ଜନ ପୂଜାମଣ୍ଡପରୁ ଘରକୁ ଫେରିଥିଲେ। ହେଲେ ଘରେ କେହି ନ ଥିବା ଦେଖି ସେ ବଗିଚା ପଟକୁ ଯାଇ ମା'ଙ୍କୁ ଖୋଜିଥିଲେ। ଏହି ସମୟରେ ଅସାବଧାନତାରୁ ସେଠାରେ ଥିବା କୂଅରେ ପଡ଼ିଯାଇଥିଲେ। କିଛି ସମୟ ପରେ ପୁଅକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିବା ସହ କୂଅ ଭିତରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଜରପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗଣେଶ ପୂଜାରେ ଏପରି ଅଘଟଣକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# କାର୍ ଧକ୍କାରେ ବାଇକ୍ ଚାଳକ ମୃତ



ଛେଣ୍ଡିପଦା,୭।୯ (ଅଜିତ ଧଳ)- ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ନିଶା ଶିଳ୍ପାଞ୍ଚଳ ଥାନା କଙ୍କରାଇ ନାଳ ପୋଲଠାରେ ଶନିବାର ଏକ କାର୍ ସହ ମୋଟରସାଇକେଲର ଧକ୍କା ହୋଇଛି। ଏଥିରେ ମୋଟରସାଇକେଲ ଚାଳକ ଢେଙ୍କାନାଳ ଜିଲା ନିହଲପ୍ରସାଦ ଲାଉଲଇ ଗ୍ରାମର ନରେନ୍ଦ୍ର ସାହୁଙ୍କ ମୃତ୍ୟୁ ହୋଇଛି। କାର୍ ଚାଳକ ଜରାସିଙ୍ଗା ଗ୍ରାମର ଦୁଷ୍ମନ୍ତ ନାୟକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ନରେନ୍ଦ୍ର ତାଙ୍କ ବାଇକ୍‌ରେ ଅନୁଗୋଳ ଆଡୁ ଛେଣ୍ଡିପଦା ପଟକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର୍ ସହ ଧକ୍କା ହୋଇଥିଲା। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ନରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। କାର୍ ଚାଳକଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

# ଭୁବନେଶ୍ୱରରୁ ୨ ଗିରଫ, ଜଣେ ଫେରାର

**ଢେଙ୍କାନାଳ,୭।୯(ରତନ ନାୟାର)**

**କାର୍ ବୁକିଂ କରି ଅପହରଣ, ଲୁଟ୍ ଘଟଣା**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଞ୍ଚଳରେ ଗତ ଅଗଷ୍ଟ ୧୩ ତାରିଖରେ ଘଟିଥିବା ଅପହରଣ ଓ ଲୁଟ୍ ଘଟଣାରେ ପୋଲିସ ଭୁବନେଶ୍ୱରରୁ ୨ ଅଭିଯୁକ୍ତ ରାଜେଶ କୁମାର ନାଥ ଓ ସୁମନ୍ତ କୁମାର ନାଥଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଫେରାର ରହିଥିବା ଗଁଦିଆ ଥାନା ଅଧିକାରୀ ସଲିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଥାନା ଅଧିକାରୀ କହିଛନ୍ତି, ଯୋରନ୍ଦା ଫାଣ୍ଡି ଅଞ୍ଚଳର ୩ ଅଭିଯୁକ୍ତ ଭୁବନେଶ୍ୱରରୁ ଏକ କାର୍ ବୁକିଂ କରି ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଞ୍ଚଳକୁ ଆସିଥିଲେ। ଏହାପରେ ସେମାନେ ନିକଟସ୍ଥ ରାଧାଦେଇପୁର ଜଙ୍ଗଲ ରାସ୍ତାରେ ଗାଡ଼ି ଚାଳକ ତଥା ମାଲିକ ବଳରାମ ପ୍ରଧାନଙ୍କ ଠାରୁ ୨ଟି ମୋବାଇଲ ଓ ଗୋଟିଏ ସୁନା ମୁଦି ଲୁଟ୍ କରିବା ସହ ଚାଳକଙ୍କୁ ସେଠାରେ ଗାଡ଼ିରୁ ବାହାର କରିଦେଇଥିଲେ। ପରେ ଲୁଟ୍ ସାମଗ୍ରୀ କାଲୁରିଆଠାରେ ଥିବା ମହିମା ସେତୁ ଉପରୁ ବ୍ରାହ୍ମଣୀ ନଦୀକୁ ଫୋପାଡି କାର୍ ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଚାଳକ ଗଁଦିଆ ଥାନାରେ ଅଭିଯୋଗ କରିବା ପରେ ନଂ. ୨୪୮।୨୪ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଭୁବନେଶ୍ୱରରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ କାର୍‌କୁ ଜବତ କରି ମାଲିକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।


ଗିରଫ ୨ ଅଭିଯୁକ୍ତ।

# ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ



**ଛେଣ୍ଡିପଦା,୭।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ତୁକୁଡା ଓ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟ ଠାରେ ମିଳିତ ନିଶା ନିବାରଣ ମଞ୍ଚ ପକ୍ଷରୁ ନିଶା ନିବାରଣ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ପଦ୍ମଚରଣ ନାୟକଙ୍କ ଆହ୍ୱାନ କ୍ରମେ ତୁକୁଡ଼ା ରାଜ ସଂସ୍କାର କମିଟି ନେତୃତ୍ୱରେ ସମାଜରେ ନିଶାନିବାରଣ ସଂକ୍ରାନ୍ତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ସୁମନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୁବ ପ୍ରତିଭା ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀ ଯୋଗଦେଇ ନିଶା କବଳରୁ ଯୁବ ସମାଜକୁ ଦୂରେଇ ରଖି ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ପତିତପାବନ ମହାବିଦ୍ୟାଳୟରେ ଅଧ୍ୟାପକ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କିପରି ନିଶା ନିବାରଣ ସହ ସୁସ୍ଥ ସମାଜ ଗଠନ କରାଯାଇ ପାରିବ ସେ ନେଇ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ମାର୍ଗଦର୍ଶନ କରାଇଥିଲେ। ଅଧ୍ୟାପକ ବସନ୍ତ ସାହୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ବଡ଼ସାହି, ୭।୯(ସମ୍ବିତ କୁମାର ରାଉତ)- ମୟୂରଭଞ୍ଜ ଜିଲା ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜର ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଆଜିର ସମାଜ ପାଇଁ ଯୁବଶକ୍ତିର ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ। ଯୁବଶକ୍ତି ଜାଗିଲେ ଦେଶର ବିକାଶ ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ସାହି ବିଧାୟକ ସନାନତନ ବିଜୁଳି, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ଇଂଲିଶ ବିଭାଗର ବରିଷ୍ଠ ପ୍ରାଧ୍ୟାପକ କୃପାସିନ୍ଧୁ ମହାକୁଡ଼ କଲେଜର ଇତିବୃତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୨୪ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଜ୍ୟୋତିରାଣୀ ବେହେରା ଓ ଯୁକ୍ତ ୩ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଗାୟତ୍ରୀ ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ରାଜନୀତି ବିଜ୍ଞାନର ଅଧ୍ୟାପକ ବିନୋଦ ପରିଡା ମଞ୍ଚ ପରିଚାଳନା କରିଥିଲେ।

# ‘ସୁଭଦ୍ରା’ ଏକ ଯୁଗାନ୍ତକାରୀ ଯୋଜନା

## ପ୍ରଚାର ରଥ ପରିକ୍ରମାର ଶୁଭାରମ୍ଭ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଢେଙ୍କାନାଳ,୭।୯(ରତନ ନାୟାର)

ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଯୋଜନା। ଏହି ଯୋଜନାରେ ମିଳିବାକୁ ଥିବା ଆର୍ଥିକ ସହାୟତା ମା, ଭଉଣୀମାନଙ୍କ ହାତଖର୍ଚ୍ଚ ହୋଇପାରିବ। ସେମାନେ ଏକଜୁଟ ହୋଇ ଛୋଟଛୋଟ ବ୍ୟବସାୟ କରିପାରିବେ। ଅନ୍ୟମାନଙ୍କ ଉପରେ ଅଧିକ ନିର୍ଭରଶୀଳ ହେବେ ନାହିଁ। ଏହି ଯୋଜନା କାର୍ଯ୍ୟକାରିତାରେ କୌଣସି ସମୟସୀମା ନାହିଁ। ତେଣୁ ଅଯଥା ବ୍ୟସ୍ତ ନ ହୋଇ ନିଜ ସୁବିଧାରେ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରାମର୍ଶ ଦେଇଛନ୍ତି। ସୁଭଦ୍ରା ଯୋଜନା ସମ୍ପର୍କରେ ବହୁଳ ପ୍ରଚାର ନିମନ୍ତେ ଶନିବାର ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ୪ଟି ପରିକ୍ରମା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିବା ଅବସରରେ ମନ୍ତ୍ରୀ ପାତ୍ର ଏହା କହିଛନ୍ତି।



ସୁଭଦ୍ରା ଯୋଜନା ପ୍ରଚାର ରଥର ଶୁଭାରମ୍ଭ କରୁଛନ୍ତି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନିତା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ କହିଥିଲେ, ସୁଭଦ୍ରା ଯୋଜନାରେ ଜିଲାର ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ନିଶ୍ଚିତ ସାମିଲ କରାଯିବ। ଏଥିନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। କାର୍ଯ୍ୟକ୍ରମରେ ଏସ୍‌ପି ମଡକର ସନ୍ଦିପ୍ ସମ୍ପଦ, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା, ଏମ୍‌ପିଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଇତିମଧ୍ୟରେ ଜିଲାରେ ୪ଲକ୍ଷରୁ ଉର୍ଦ୍ଧ୍ୱ ଫର୍ମ ଅଙ୍ଗନୱାଡି କର୍ମୀମାନଙ୍କ ମାଧ୍ୟମରେ ବଣ୍ଟାଯାଇଛି। ବିଭିନ୍ନ ଅଞ୍ଚଳରେ ୬୯୮ଟି କ୍ୟାମ୍ପ ଆୟୋଜନ କରାଯାଇ ଆବେଦନପତ୍ର ଗ୍ରହଣ କରାଯିବ। ସୁଭଦ୍ରା ଯୋଜନା ପ୍ରଚାର ରଥ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପ୍ରଚାର କରିବ। ଗୋଟିଏ ରଥ ୨ଟି ଲେଖାଏ ବ୍ଲକର ସମସ୍ତ ଅଞ୍ଚଳରେ ପ୍ରଚାର କରିବ। ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ କରୁଥିବା ପରିବାରର ୨୧ରୁ ୬୦ ବର୍ଷର ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ। ସେହିପରି ସରକାରଙ୍କ ଏହି ଅଭିନବ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଗଣମାଧ୍ୟମର ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗଣେଶଖୋଲା ମନ୍ଦିର ଦର୍ଶନ କଲେ ମନ୍ତ୍ରୀ



ନୂତନ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହିତ ଅନ୍ୟମାନେ।

ଢେଙ୍କାନାଳ,୭।୯(ରତନ ନାୟାର)

୨ ଦିନିଆ ଢେଙ୍କାନାଳ ଗସ୍ତରେ ଆସିଥିବା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ଗଁଦିଆ ବ୍ଲକ କରମୂଳ ଗ୍ରାମର ପ୍ରସିଦ୍ଧ ଗଣେଶ ଖୋଲାଠାରେ ପହଞ୍ଚି ମହାପ୍ରଭୁ ବିଘ୍ନ ବିନାଶନ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମନ୍ଦିର ପୂଜକ ଓ ଆଶ୍ରମର ସାଧୁସନ୍ଥ ମନ୍ଦିର, ଆଶ୍ରମର ସୌନ୍ଦର୍ଯ୍ୟକରଣ, ଉନ୍ନତୀକରଣ ସମ୍ପର୍କରେ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହାପରେ ଆମ୍ବବାହାଲି ଗ୍ରାମରେ ଭାଜପା ପକ୍ଷରୁ ଆୟୋଜିତ ନୂତନ ସଦସ୍ୟତା ଅଭିଯାନରେ ମନ୍ତ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମର ଶତାଧିକ ମହିଳା, ଯୁବକ ଓ ଜନସାଧାରଣଙ୍କୁ ଦଳରେ ସାମିଲ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ସଭାପତି ପ୍ରତ୍ୟୁଷହରି ପ୍ରଧାନ, ମନ୍ତ୍ରୀଙ୍କ ଗଁଦିଆ ପ୍ରତିନିଧି ରତିକାନ୍ତ ସାହୁ, ଜିଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସ୍ୱାଇଁ, ଜିଲା ଯୁବମୋର୍ଚ୍ଚା ସଭାପତି ଯଶୋବନ୍ତ ମହିମା, ମନ୍ତ୍ରୀଙ୍କ ଢେଙ୍କାନାଳ ପୌରାଞ୍ଚଳ ପ୍ରତିନିଧି ସନ୍ତୋଷ କୁମାର ରାଉତ, ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ସରପଞ୍ଚ ଅଜୟ ମହାନ୍ତି, ବରିଷ୍ଠ ନେତା ଅଭୟ ପାଢୀ ଓ ଦିଗାମ୍ବର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା

ଓଡ଼ାପଡ଼ା,୭।୯ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଧଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା ମହାସମାରୋହରେ ପାଳିତ କରାଯାଇଛି। ଏହି ପୂଜା ଉତ୍ସବରେ ଧଳପୁର ଗ୍ରାମର ପଣ୍ଡିତ ମନୋରଞ୍ଜନ ମିଶ୍ର ଗଣେଶଙ୍କ ପୂଜାର୍ଚ୍ଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆମ ବିଦ୍ୟାଳୟ ବିଦ୍ୱତ ପରିଷଦ, ପରିଚାଳନା ସମିତି, ମାତୃଭାରତୀ ଓ ଶୁଭେଚ୍ଛୁ ଅଂଶଗ୍ରହଣ କରିଥିଲେ। ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ।



ଧଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା।

# ଦୁର୍ଗାପୂଜା ପାଇଁ ଶୁଭ ମାଟି ଉଠାଗଲା



ଶୁଭ ମାଟି ଉଠାଣ କରୁଛନ୍ତି ପୂଜା କମିଟି କର୍ମକର୍ତ୍ତାମାନେ।

ଭୁବନ,୭।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ଶନିବାର ରଗଡ଼ି ନାଳ ଓ ବୁଦ୍ଧେଶ୍ୱର ନାଳ ବ୍ରାହ୍ମଣୀ ନଦୀ ଶାଖାରୁ ଶୁଭମାଟି ଉଠାଯାଉଛି। ଭୁବନ ଗ୍ରାମରେ ଚଳିତବର୍ଷ ୧୩ଟି ମଣ୍ଡପରେ ମା’ ଦୁର୍ଗା ଓ ହରପାର୍ବତୀଙ୍କୁ ପୂଜା କରାଯିବ। ଗୁଜୁରୀହାଟ ଦେଶ ଦୁର୍ଗା ମେଢ଼, ବନଦୁର୍ଗା, ସେଣସାହି ହରପାର୍ବତୀ ମେଢ଼, ହରପାର୍ବତୀ କମିଟି, ଦୁର୍ଗାପୂଜାର, କ୍ଲାସିକ କ୍ଲବ ,ହାଟୁଆ ବଣିକ ସଂଘ, ବିଘ୍ନ ମହାନ୍ତି ଛକ ବଡ଼ହାଟ, ବାଜିଛକ, ପୋଥାଳସାହି, ନୂଆଭୁବନ ଦୁର୍ଗାମେଢ, ନୂଆ ଭୁବନ ମଝିସାହି ଦୁର୍ଗା ମେଢ଼ ଓ ଗଡ଼ଗହମପୁର ଦୁର୍ଗାମେଢ଼ ପକ୍ଷରୁ ପୂଜା ପାଇଁ ଶୁଭମାଟି ଉଠାଯାଇଛି। ସମସ୍ତ ପୂଜା ମଣ୍ଡପ କର୍ମକର୍ତ୍ତାମାନେ ନିଜ ମଣ୍ଡପରୁ ବାଜା, ବାଣ,ସଂକୀର୍ତ୍ତନ ମଣ୍ଡଳୀ ନେଇ ସହର ପରିକ୍ରମା କରି ପୂଜାର୍ଚ୍ଚନା ସାରି ଶୁଭ ମାଟି ଆଣିଥିଲେ। ଚଳିତବର୍ଷ ମହା ଆଡ଼ମ୍ବରରେ ପୂଜା ଓ ଭସାଣି ଉତ୍ସବ ପାଳନ କରାଯିବ ବୋଲି ଆୟୋଜକ କମିଟି କର୍ମକର୍ତ୍ତାମାନେ କହିଛନ୍ତି।





କାମାକ୍ଷାନଗର ମଡ଼ିସାହି ଓ ତରୁଣ ବଜାର ଗଣେଶ ପୂଜା କମିଟି ମେଢ଼।

# ଡ. ଲକ୍ଷ୍ମୀଧର ମହାପାତ୍ର ସ୍ମୃତି ସମ୍ମାନ ଶୁଭାରମ୍ଭ

ଢେଙ୍କାନାଳ,୭।୯(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଡିଗ୍ରୀ ବାଣିଜ୍ୟ ବିଭାଗ ଶ୍ରେଷ୍ଠ ଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଓ ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ପ୍ରତିବର୍ଷ ବିଭାଗରେ ଶ୍ରେଷ୍ଠତା ପ୍ରଦର୍ଶନ କରୁଥିବା ଛାତ୍ର ଡ. ଲକ୍ଷ୍ମୀଧର ମହାପାତ୍ର ସ୍ମୃତି ସମ୍ମାନ ପାଇବେ। ଏଥିପାଇଁ ଶୁକ୍ରବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଢେଙ୍କାନାଳ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଲୁମନି ଆସୋସିଏଶନ ସଦସ୍ୟ ବିଶିଷ୍ଟ ପରିବେଶବିତ୍, ଲେଖକ, ଅଟୋ ଏକ୍ସପର୍ଟ, ଫିଲାନ୍‌ଥ୍ରୋପିଷ୍ଟ ଡ. ରଞ୍ଜନ କୁମାର ମହାପାତ୍ର ତାଙ୍କ ପିତା ସ୍ୱର୍ଗତ ଡ. ଲକ୍ଷ୍ମୀଧର ମହାପାତ୍ରଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରିବା ନିମନ୍ତେ କାର୍ଯ୍ୟାରମ୍ଭ କରିଛନ୍ତି। ଢେଙ୍କାନାଳ ଆନନ୍ଦ ନଗରଠାରେ ରହୁଥିବା ମା’ ଭଗବତୀ ଦେବୀଙ୍କ ଦ୍ୱାରା ପ୍ରଦତ୍ତ ଏହି ସମ୍ମାନ ପାଇଁ ସେ ଶୁକ୍ରବାର ୫୦ ହଜାର ଟଙ୍କାର ଏକ ଚେକ୍ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆଲୁମନି ଆସୋସିଏଶନ ସଭାପତି ଡ. ଅଭୟ କୁମାର ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ଗବେଷକ ଓ ଗ୍ରନ୍ଥକାର ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଓ ଆଲୁମନି ଆସୋସିଏଶନ ସଭାପତି ସୁକାନ୍ତ କୁମାର ମିଶ୍ର ଏବଂ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମାନ ପ୍ରଦାନ ପ୍ରକ୍ରିୟା ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ନିଜର ସଦ୍ୟ ପ୍ରକାଶିତ ‘ଷ୍ଟାର୍ଟ ସିଫ୍ଟ ଗିୟର ଡ୍ରାଇଭ’ ପୁସ୍ତକ ଉପସ୍ଥିତ ସମସ୍ତଙ୍କୁ ପ୍ରଦାନ କରିଥିଲେ।



ଢେଙ୍କାନାଳ କଲେଜ ଆଲୁମନି ଆସୋସିଏଶନ ସଭାପତି ଡ. ଅଭୟ କୁମାର ପଣ୍ଡାଙ୍କୁ ୫୦ ହଜାର ଟଙ୍କାର ଏକ ଚେକ୍ ଡ. ରଞ୍ଜନ କୁମାର ପ୍ରଦାନ କରୁଛନ୍ତି।

# ଆକର୍ଷିତ କରୁଛି ତୋରଣ, ମେଢ଼

ଭୁବନ,୭।୯
( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଓ ବ୍ଲକର ବିଭିନ୍ନ ସ୍ଥାନରେ ମହାଆଡ଼ମ୍ବରରେ ଗଣେଶ ପୂଜା ପାଳନ କରାଯାଉଛି। ସହରର ୨୦ଟି ଯୁବକ ସଂଘ ପକ୍ଷରୁ ଆକର୍ଷଣୀୟ ମେଢ଼ ସହିତ ତୋରଣ କରାଯାଇଛି। ପୋଲିସ ଓ ପରିଚାଳନା କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି। ଭୁବନ ଥାନା ଅଧିକାରୀ ମନୋସିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ ନିୟମକୁ କଡାକଡି କରାଯାଇଛି। ଭୁବନ ନୀଳମାଧବ ପେଟ୍ରୋଲ ପମ୍ପ ଠାରୁ କାଳିବଜାର ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ରହିଛି। ଚଳିତବର୍ଷ ଡାର୍ଲିଙ୍ଗ୍ କ୍ଲବ ୧୨ ବର୍ଷ ପୂର୍ତ୍ତି ଅବସରରେ ଆୟୋଜନ କରାଯାଇଥିବା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ତୋରଣ ସମସ୍ତଙ୍କୁ ଆକର୍ଷିତ କରୁଛି। ୩ଟି ମିନାଜାର ସାଙ୍ଗକୁ ଉଠା ଦୋକାନୀ ଓ ଚଟପଟା ଖାଦ୍ୟର ମଜା ନେଉଛନ୍ତି ସହରବାସୀ।







# ୭ଫୁଟର ଅଜଗର ଉଦ୍ଧାର



ଅଜଗରକୁ ରେସ୍‌କ୍ୟୁ ଟିମ୍ ଉଦ୍ଧାର କରିଛନ୍ତି।

ଢେଙ୍କାନାଳ,୭।୯(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଙ୍ଗରାନ୍ତିପୁର ଗ୍ରାମରୁ ଶୁକ୍ରବାର ରାତିରେ ଏକ ୭ ଫୁଟର ଅଜଗର ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ୱାଇଲ୍ଡ ଲାଇଫ୍ ଓ ସ୍ନେକ ରେସ୍‌କ୍ୟୁ ଟିମ୍ ସଦସ୍ୟ ଦୀପକ ବେହେରା ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଏହାପରେ ବନବିଭାଗ କର୍ମଚାରୀଙ୍କ ସହାୟତାରେ ଅଜଗରକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

# ଢେଙ୍କାନାଳ ସହରରେ ଜମୁଛି ଗଣେଶ ପୂଜା

ଢେଙ୍କାନାଳ,୭।୯(ରତନ ନାୟାର)

■୩୭ ପୂଜା ପ୍ରତିଷ୍ଠାନରେ ବିରାଜିଲେ ବିଘ୍ନନାଶନ

■ବଜରଙ୍ଗ କ୍ଲବର ଲାଲବାଗଚା ରାଜା ଶ୍ରୀଗଣେଶ ପ୍ରମୁଖ ଆକର୍ଷଣ

ଗଣେଶ ପୂଜାଠାରୁ ଆରମ୍ଭ ହୋଇଛି ପାର୍ବଣ ଋତୁ। ଏଥିପାଇଁ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳ ସହର। ଶନିବାର ବିଘ୍ନନାଶନ ଶ୍ରୀଗଣେଶଙ୍କ ପୂଜା ସମଗ୍ର ସହରରେ ଧୁମ୍‌ଧାମରେ ପାଳନ ହୋଇଛି। ଚଳିତବର୍ଷ ସହରର ୩୭ଟି ପୂଜା ମଣ୍ଡପରେ ଗଣପତି ବିରାଜମାନ କରିଛନ୍ତି। ସହରର ପ୍ରମୁଖ ଅଞ୍ଚଳଗୁଡିକରେ ଲାଗିଥିବା ରଙ୍ଗିନ ଆଲୋକମାଳା ଯୋଗୁ ସନ୍ଧ୍ୟାରେ ସହର ନବବଧୂ ଭଳି ସଜେଇ ହୋଇଉଠିଥିଲା। ବଜରଙ୍ଗ କ୍ଲବ ପକ୍ଷରୁ ଚଳିତବର୍ଷ ମୁମ୍ବାଇର ଲାଲବାଗଚା ରାଜା ଶ୍ରୀଗଣେଶ ମେଢ଼ ପ୍ରମୁଖ ଆକର୍ଷଣ ସାଜିଛି। ସହରର ଗଣେଶ ବଜାର, ଲକ୍ଷ୍ମୀବଜାର ଡାଇମଣ୍ଡ କ୍ଲବ, ମହାବୀର ବଜାର, ଆନନ୍ଦ ବଜାର, ବାଜିଚୌକ, କୁଞ୍ଜକାନ୍ତ କ୍ରିଷ୍ଣାବଜାର, କଲେଜ ଛକ, ଜୟ ଜଗନ୍ନାଥ କ୍ଲବ ଚନ୍ଦନ ବଜାର, କାରିଗର ସାହି, ରାଧାକୃଷ୍ଣ ବଜାର, ଶିବମଣ୍ଡପ ନିକଟସ୍ଥ ରାଇଜିଂଷ୍ଟାର କ୍ଲବ, ନୂଆପୋଖରୀ ବ୍ଲୁଷ୍ଟାର, ଜଗନ୍ନାଥ ରୋଡସ୍ଥିତ ମହାବୀର ୟୁଥ୍ କ୍ଲବ, ଖମାର ସାହି, ୫ଷ୍ଟାର କ୍ଲବ ମୀନା ବଜାର, ଜବାହାରଚୌକ, କାଳିକା ନଗର, ବ୍ଲାକ ଡାଇମଣ୍ଡ କ୍ଲବ କୁମ୍ଭାରସାହି, ସୁପର ଟାଇଗର କ୍ଲବ ଟାଉନ ପ୍ଲାନିଂ, ପଦ୍ମଶ୍ରୀ କ୍ଲବ ପଦ୍ମବଜାର, ଇଣ୍ଡିଆନ କ୍ଲବ ଗୋପବନ୍ଧୁ ବଜାର, ଗାନ୍ଧୀ ମନ୍ଦିର କ୍ଲବ, ଇଲେଭେନ କ୍ଲବ ଷ୍ଟେଶନ ବଜାର, ଜୟ ଜଗନ୍ନାଥ କ୍ଲବ ରାମେଶ୍ୱରପୁର, ନେତାଜୀ କ୍ଲବ ଦେଉଳସାହି, ତ୍ରିନାଥ ଯୁବ କ୍ଲବ ଦଣ୍ଡାସାହି, ୟୁନିଟ୍ କ୍ଲବ ଜୁବୁଲିଟାଉନ–୧, ଗଣପତି କ୍ଲବ ଜୁବୁଲିଟାଉନ–୩, ଜଜ୍‌ମେଣ୍ଟ କ୍ଲବ ଦୁର୍ଗାବଜାର, ଭାଗୀରଥି ଯୁବକ ସଂଘ ଭାଗୀରଥି ବିହାର, ଗୋଲଡେନଷ୍ଟ୍ରିଟ୍ ଗୁଡିଆନାଳୀ, ଇମେନ୍ସ କ୍ଲବ ଚାନ୍ଦମାରୀ ସାହି, ବୁଲେଟ୍–୧୧ କ୍ଲବ ଚଣ୍ଡିଆସାହି ଆଦି ସ୍ଥାନରେ ଗଣେଶ ପୂଜା ଉତ୍ସବ ଜାକଜମକରେ ପାଳିତ ହେଉଛି। ସବୁଠି ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ଆସନ୍ତା ୧୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଗଣେଶ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳିବା ପାଇଁ ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ସଭାପତି ସୁଧାଂଶୁ ଦଳେଇ, ସମ୍ପାଦକ ସନ୍ଦୀପ ଷଡ଼ଙ୍ଗୀ ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି।



ଢେଙ୍କାନାଳ ଗଣେଶ ବଜାର ପୂଜା ପ୍ରତିଷ୍ଠାନର ମେଢ଼।



ଡାଇମଣ୍ଡ କ୍ଲବ ଲକ୍ଷ୍ମୀବଜାର।



ବଜରଙ୍ଗ କ୍ଲବର ମୁମ୍ବାଇ ଲାଲବାଗଚା ରାଜା ଶ୍ରୀଗଣେଶ।

# ୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଣନାଥଙ୍କ ଆରାଧନା

## ଆରମ୍ଭ ହେଲା ତାଳଚେରର ଗଣପର୍ବ

**ତାଳଚେର,୭।୯ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଗଣପର୍ବ ଗଣେଶ ପୂଜା ଧୁମ୍‌ଧାମରେ ଆରମ୍ଭ ହୋଇଛି। ୭୦ରୁ ଅଧିକ ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ମଧ୍ୟରେ ଗଣନାଥଙ୍କ ଆରାଧନା ଚାଲିଛି। ୧୧ ଦିନ ଧରି ଏହି ପୂଜାଉତ୍ସବ ପାଳନ ହେବାକୁ ଥିବାରୁ ସମଗ୍ର ସହରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଆସନ୍ତା ୧୮ ତାରିଖ ଇନ୍ଦୁ ପୂର୍ଣ୍ଣିମାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କେନ୍ଦ୍ରୀୟ ଗଣେଶ ପୂଜା କମିଟି ସାଧାରଣ ସମ୍ପାଦକ ଦିଲୀପ କୁମାର ପାଣି ସୂଚନା ଦେଇଛନ୍ତି।

ଚଳିତବର୍ଷ ମା' ସୁନାକାଳୀ ପୂଜା କମିଟି, ଚାଉଳିଆକୁତା, ପାଇକସାହି ଗଣେଶ ପୂଜା କମିଟି, ବାପୁଜୀନଗର ଗଣେଶ ପୂଜା କମିଟି, ମହାବଳପଡ଼ା, ବଡ଼ଦାଣ୍ଡସାହି, ମା' ତାଳେଶ୍ୱରୀ ଗଣେଶ ପୂଜା କମିଟି, ମହାରଣା ସାହି ପୂଜା କମିଟି, ମା' ସେବକ ସଂଘ ପୂଜା କମିଟି, ବାଳଗଣେଶ ପୂଜା କମିଟି, ଭୈରବୀସାହି, କନକଦୁର୍ଗା ପୂଜା କମିଟି, ମୋଚିସାହି, ପାଟଣାସାହି ପୂଜା କମିଟି, ତ୍ରିନାଥ ଗଣେଶ ପୂଜା କମିଟି ସିଂହସାହି, ମ୍ୟୁନିସିପାଲିଟି ବଜାର ପୂଜା କମିଟି, ନୁହୁରାସାହି, ହାଟତୋଟା (ପ୍ରଜାମଣ୍ଡଳ) ପୂଜା କମିଟି, ଲାଲବାଗ ରାଜା ପୂଜା କମିଟି, ହାଟତୋଟା, ଆମରି ସଂସ୍ଥା ପୂଜା କମିଟି, ଅରାସାହି, ଜୟହିନ୍ଦ କ୍ଲବ କୁମ୍ଭାରସାହି, ନୂଆ ବଜାର ପୂଜା କମିଟି, ନବ ମିଶ୍ର କଲୋନୀ କମିଟି, ଚିତ୍ରକୂଟ ବଜାର ପୂଜା କମିଟି, କାରଗିଲ ଗ୍ରୁପ୍ ପୂଜା କମିଟି, ହରଗୌରୀ କମିଟି କିଶୋରଗଞ୍ଜ ପାଟଣା, ମହାଲକ୍ଷ୍ମୀ ପୂଜା କମିଟି ବାପୁଜୀନଗର, ଗଣେଶ ବଜାର ପୂଜା କମିଟି ତାମ୍ରିତ ମାର୍କେଟ ହାଟତୋଟା, ଜୟ ମା' ମଙ୍ଗଳା ପୂଜା କମିଟି ଜାମ୍ବୁବଣିଆସାହି, ବଡ଼ବଜାର ପୂଜା କମିଟି ଜଗନ୍ନାଥ ବଜାର (ପୁରୁଣା ପୋଷ୍ଟ ଅଫିସ ଛକ) ପୂଜା କମିଟି, ଭୈରବୀସାହି ପୂଜା କମିଟି, କଳିଙ୍ଗ ମାର୍କେଟ, ପୂଜା କମିଟି ହାଟତୋଟା ରୋଡ, ମହାରଣା ସାହି ଯୁବକ ସଂଘ ପୂଜା କମିଟି, ରୁଦ୍ରସେବକ ପୂଜା କମିଟି ମାଳିସାହି, ହନୁମାନ ପଡ଼ା ପୂଜା କମିଟି, ମା' ହିଙ୍ଗୁଳା ପୂଜା କମିଟି ରାଣୀମନ୍ଦିର, କାରିଗରପଡ଼ା ପୂଜା କମିଟି, ଶ୍ରୀ ଗଣେଶ ପୂଜା କମିଟି ଜେଲରୋଡ, ବଉଳଛକ ପୂଜା କମିଟି, ସିଦ୍ଧି ବିନାୟକ ପୂଜା କମିଟି ଓ ଅଲରାଉଣ୍ଡର ପୂଜା କମିଟି ପକ୍ଷରୁ ବଡ଼ ଆୟୋଜନର ସହ ପୂଜା ପାଳନ ହେଉଛି। ଏଥିପାଇଁ ତାଳଚେର ସହରର ପୁରୁଣା ପୋଷ୍ଟ ଅଫିସ ଠାରୁ ହାଣ୍ଡିଧୁଆଁ ଛକ ପର୍ଯ୍ୟନ୍ତ ପ୍ରାୟ ୫ କିମି ରାସ୍ତାକୁ ରଙ୍ଗିନ ଆଲୋକରେ ସାଜସଜ୍ଜା କରାଯାଇଛି। ପୂଜା ମହୋତ୍ସବ ବୁଲିବାକୁ ସହରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ସହରକୁ ୪ ଭାଗରେ ବିଭକ୍ତ କରାଯାଇ ଜଣେ ଲେଖାଏ ନିରୀକ୍ଷକ, ଏସ୍‌ଆଇ, କନଷ୍ଟେବଲ ଏବଂ ସାଦା ପୋଷାକଧାରୀ ପୋଲିସ, ଗୃହରକ୍ଷୀ ବାହିନୀ ନିୟୋଜିତ କରାଯାଇଛି। ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ବିଭିନ୍ନ ଅସ୍ଥାୟୀ ଦୋକାନ ବଜାର, ଦୋଳି ପଡ଼ିବା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।





ତାଳଚେରର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଗଣେଶ ମେଢ଼।

# ଏମ୍‌ପିଙ୍କ ନଗର ପ୍ରତିନିଧି ହେଲେ ସନ୍ତୋଷ ହୋତା

**ଆଠମଲ୍ଲିକ,୭।୯ (ଉଦୀପ୍ତ ପୁରୋହିତ)**



ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ଭାବେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସନ୍ତୋଷ ହୋତା ମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ବହୁ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ହୋତାଙ୍କ ବାସଭବନରେ ପହଞ୍ଚି ଫୁଲତୋଡ଼ା ଦେଇ ତାଙ୍କୁ ସ୍ୱାଗତ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ଭାବେ ମନୋନୀତ ହେବା ପରେ ହୋତା କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚିବ ଓ ଦଳୀୟ ସଙ୍ଗଠନ ମଜଭୁତ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ।

# ୩-୧ ଗୋଲରେ ଜିତିଲା ମହାବୀର କ୍ଲବ



**ଆଠମଲ୍ଲିକ,୭।୯ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ ଖେଳ ପଡ଼ିଆରେ ଚାଲିଥିବା ପଞ୍ଚଧାରା ଫୁଟବଲ ଟୁର୍ନାମେଣ୍ଟରେ ମହାବୀର କ୍ଲବ ବୌଦ୍ଧ ୩-୧ ଗୋଲରେ ଅଷ୍ଟକୀଳା କ୍ଲବ ପତାକାକୁ ହରାଇ ଦେଇଛି। ମୁଖ୍ୟ ଅତିଥି ଭାବେ ଉଦୀପ୍ତ କୁମାର ପୁରୋହିତ, ସମ୍ମାନିତ ଅତିଥି ଭାବରେ କମଳାକାନ୍ତ ମିଶ୍ର, ନନ୍ଦ କିଶୋର ତ୍ରିପାଠୀ, ଅବସରପ୍ରାପ୍ତ ରେଞ୍ଜର ଶ୍ରୀନିବାସ ମିଶ୍ର, କ୍ରୀଡ଼ା ସଂସଦ ଉପଦେଷ୍ଟା ରବୀନ୍ଦ୍ର ଦାଶ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ସ୍ଥାନୀୟ ଆଇଆଇସି ଚିତ୍ତରଞ୍ଜନ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଦିଲୀପ କୁମାର ରାଉତ ଖେଳ ପରିଚାଳନା କରିଥିଲେ।

# ସୁଭଦ୍ରା ରଥକୁ ବଇଣ୍ଡାରେ ସ୍ୱାଗତ

**ବଇଣ୍ଡା,୭।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସୁଭଦ୍ରା ରଥକୁ ଶନିବାର କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ବଇଣ୍ଡାଠାରେ ସ୍ୱାଗତ କରାଯାଇଛି। କିଶୋରନଗର ଏବିଡିଓ ଦିଲୀପ କୁମାର ପ୍ରଧାନ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଆରତି ସିଂ, ସୁଜିତ କୁମାର ପ୍ରଧାନ, ଆଠମଲ୍ଲିକ ସିଡିପିଓ ତରଙ୍ଗିନୀ ମିର୍ଦ୍ଧା, ଭାଜପା ନେତା ଅଜିତ ପଟ୍ଟନାୟକ, ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସୁଭଦ୍ରା ଯୋଜନା ସମ୍ପର୍କରେ ଏହି ରଥ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିବ ବୋଲି ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ କହିଥିଲେ।



ସୁଭଦ୍ରା ରଥକୁ ସ୍ୱାଗତ କରାଯାଇଛି।

# ଗଡ଼ିଲା ସୁଭଦ୍ରା ସଚେତନତା ରଥ



**ଅନୁଗୋଳ,୭।୯ (ଜ୍ୟୋତିରଞ୍ଜନ ସାହୁ)**

ରାଜ୍ୟ ସରକାରଙ୍କ ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାରଠାରୁ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସୁଭଦ୍ରା ଯୋଜନା ସମ୍ପର୍କିତ ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରିବା ସହ ହିତାଧିକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ କରି ସଚେତନ କରିବା ଲକ୍ଷ୍ୟ ନେଇ ଏହି ସଚେତନତା ରଥ ପରିକ୍ରମା କରାଯାଉଛି। ଏହିପରିପ୍ରେକ୍ଷୀରେ ଅନୁଗୋଳ ଜିଲାର ସମସ୍ତ ୮ଟି ବ୍ଲକ ଓ ୩ଟି ପୌରାଞ୍ଚଳବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ପୂର୍ବାହ୍ନରେ ସ୍ଥାନୀୟ ସଭାଘର ଠାରେ ୪ଟି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲାପାଳ ମହମ୍ମଦ ଅବଦଲ ଅଖତାର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହି ସୁସଜ୍ଜିତ ରଥକୁ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ୧୬ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଅନୁଗୋଳ ତହସିଲଦାର ଆଶିଷ କୁମାର ମହାପାତ୍ର, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ଏନ୍‌ଟିପିସି କଣିହାଁକୁ ଇଏମ୍‌ଆଇ-୨୦୨୪ ପୁରସ୍କାର

**କଣିହାଁ,୭।୯ (ସଚ୍ଚିଦାନନ୍ଦ ପ୍ରଧାନ)**

ସ୍ୱଚ୍ଛ ଶକ୍ତି ମନ୍ତ୍ରାଳୟ (ସିଇଏମ୍) ପକ୍ଷରୁ ଏନ୍‌ଟିପିସି କଣିହାଁକୁ ଏନର୍ଜୀ ମ୍ୟାନେଜମେଣ୍ଟ ଇନ୍‌ସାଇଟ (ଇଏମ୍‌ଆଇ)-୨୦୨୪ ପୁରସ୍କାର ମିଳିଛି। ଏକ ଉଚ୍ଚ-ଗୁଣାତ୍ମକ ଅଧ୍ୟୟନର ବିକାଶ ପାଇଁ ଷ୍ଟେଶନ ଏହି ସ୍ୱୀକୃତି ଅର୍ଜନ କରିଛି ଯାହା ଆଇଏସଓ ୫୦୦୦୧ ଦ୍ୱାରା ପ୍ରମାଣିତ ଓ ଶକ୍ତି ପରିଚାଳନା ପ୍ରଣାଳୀ ପ୍ରତିଷ୍ଠା କରିବାର ପ୍ରକ୍ରିୟା ଏବଂ ଲାଭ ବିଷୟରେ ଅନ୍ତର୍ନିହିତ କରିଥାଏ। ଏହି ପୁରସ୍କାର ଶକ୍ତି ପରିଚାଳନା ନେତୃତ୍ୱ ପୁରସ୍କାର କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଶକ୍ତି ପରିଚାଳନାରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ସଂସ୍ଥାଗୁଡ଼ିକୁ ଆଲୋକିତ କରିଥାଏ। ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ. ସେହଗଲ ଏହି ବିଶ୍ୱସ୍ତରୀୟ ସ୍ୱୀକୃତି ପାଇଁ ସମଗ୍ର ଦଳକୁ ଅଭିନନ୍ଦନ ଜଣାଇବା ସହ କମ୍ପାନୀର ଦୀର୍ଘ ମିଆଦି ଲକ୍ଷ୍ୟ ସହିତ ସମାନ୍ତରାଳ ପ୍ରଦର୍ଶନ କରିବାରେ ସେମାନଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ଗଜାନନଙ୍କ ଦର୍ଶନ ପାଇଁ ମଣ୍ଡପରେ ଭିଡ଼




**ଆଠମଲ୍ଲିକ,୭।୯ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଛି। ରଙ୍ଗିନ ଆଲୋକମାଳା ସାଙ୍ଗକୁ ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ବାଳାଶ୍ରମ, ଶିଶୁ ମନ୍ଦିର, ପୁରୁଣାମାଣତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଇଜଡମ ଇଣ୍ଟର ନ୍ୟାଶନାଲ ସ୍କୁଲ, ଆଠମଲ୍ଲିକ ମହାବିଦ୍ୟାଳୟ, ଟେନସନ କ୍ଲବ, ରୟାଲ କ୍ଲବ, ଏଲଡୋରାଡୋ କ୍ଲବ, ଡିଭାଇନ କ୍ଲବ, ୟୁନାଇଟେଡ କ୍ଲବ, ଦି ପନିସର କ୍ଲବ, କିଙ୍ଗଷ୍ଟାର କ୍ଲବ, ଜେସିସି କ୍ଲବ, ସିଷ୍ଟମ କ୍ଲବ ଓ ଦିଲଦାର କ୍ଲବ, ଗଣେଶ ବଜାର ସହିତ ବିଭିନ୍ନ ଅନୁଷ୍ଠାନରେ ଗଣପତିଙ୍କ ପୂଜା କରାଯାଇଇଛି। ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ଗଣପତିଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ଦେଖାଯାଇଛି।

# ପୂଜା ମଣ୍ଡପ ବୁଲିଲେ ବିଧାୟକ

**ଛେଣ୍ଡିପଦା,୭।୯ (ଅଜିତ ଧଳ)**



ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହ ଗଣେଶ ପୂଜା ପାଳିତ ହେଉଥିବା ବେଳେ ମେଢ଼ ଦେଖିବାକୁ ଜନସାଧାରଣଙ୍କ ଭିଡ଼ ବଢ଼ୁଛି। ବ୍ଲକର ପ୍ରାୟ ୩୪ ପଞ୍ଚାୟତର ଶତାଧିକ ମଣ୍ଡପରେ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହେଉଛି। ଏହି ଅବସରରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ନିଜ ସମର୍ଥକଙ୍କ ସହ ବିଭିନ୍ନ ମଣ୍ଡପ ଓ ବିଦ୍ୟାଳୟ ବୁଲି ଅଗ୍ରପୂଜ୍ୟଙ୍କ ଦର୍ଶନ କରିଥିଲେ। ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ଲକ କଲୋନୀ ବିଦ୍ୟାଳୟ, ବାଗଡିଆ ଉଚ୍ଚବିଦ୍ୟାଳୟ, ପିପଳବାହାଳ ଗ୍ରାମ ପୂଜାମଣ୍ଡପ ବୁଲି କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିବା ସହିତ ଗଡମଳ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

# ଗଣେଶ ପୂଜାକୁ ନେଇ କଣିହାଁ ଉତ୍ସବମୁଖର



**କଣିହାଁ, ୭।୯ (ସଚ୍ଚିଦାନନ୍ଦ ପ୍ରଧାନ)**

ତାଳଚେରର ଗଣପର୍ବ ଗଣେଶ ପୂଜାକୁ ନେଇ କଣିହାଁ ବ୍ଲକର ଶତାଧିକ ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି। ଆକର୍ଷଣୀୟ ମେଢ଼ ସହିତ ରଙ୍ଗବେରଙ୍ଗର ଲାଇଟ ସଜସଜ୍ଜା ଯୋଗୁ ପୂଜା ମଣ୍ଡପ ଓ ତୋରଣ ଝଲସି ଉଠୁଛି। ଏହି ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ତରଫରୁ ପ୍ରସାଦ ବଣ୍ଟନ, ନାମ ସଂକୀର୍ତ୍ତନ କରାଯାଇଛି। ପଥରମୁଣ୍ଡା ଗ୍ରାମରେ ଏକାଧିକ ମଣ୍ଡପରେ ଗଜାନନ ପୂଜା ପାଉଛନ୍ତି। ଏଭରଗ୍ରୀନ ପୂଜା କମିଟି, ବାଲୁଙ୍କେଶ୍ୱର ପୂଜାକମିଟି, ବଉଳସାହି ପୂଜା କମିଟି ମେଢ଼ ସୁସଜ୍ଜିତ ଶୋଭାବର୍ଦ୍ଧନ କରୁଥିବାବେଳେ ଦେଖିବା ପାଇଁ ଜନସମାଗମ ହେଉଛି। କମିଟିର ସମସ୍ତ ସଦସ୍ୟ, କାର୍ଯ୍ୟକର୍ତ୍ତା ପରିଚାଳନାରେ ଭାଗ ନେଇଛନ୍ତି।

# ବିଭିନ୍ନ ସ୍ଥାନରେ ଗଣେଶ ପୂଜା




**ବଇଣ୍ଡା,୭।୯ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକର ବଇଣ୍ଡା, ନାକିଚି, ଶିକ୍ଷକପଡା, କଦଳୀମୁଣ୍ଡା, ଦାଦାରସାହି, କିଶୋରନଗର, ଫୁଲାମ୍ଭା, ବାମୁର ସହ ବିଭିନ୍ନ ଅଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଛି। ଶିକ୍ଷକପଡ଼ା ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା କରାଯାଇଥିଲା। ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗବେରଙ୍ଗ ଆଲୋକ ମାଳାରେ ପୂଜା ମଣ୍ଡପ ଝଲସି ଉଠୁଥିବା ବେଳେ ବହୁ ଶ୍ରଦ୍ଧାଳୁମାନେ ଗଣେଶଙ୍କ ଦର୍ଶନ କରିଥିଲେ। ଅଞ୍ଚଳବାସୀଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିବା ବେଳେ ଗ୍ରାମର ରଜତ କୁମାର ସାହୁ, ଅକ୍ଷୟ ସାହୁ, ଅମୀୟ ସାହୁ, ରାମ କୁମାର ପରିଡା, ଟିନା ପୃଷ୍ଟି, ପ୍ରଭାତ ସାହୁ, ପ୍ରଦୀପ ପୃଷ୍ଟି, ବାଦଲ ବାରିକ ପ୍ରମୁଖ ସହଯୋଗ କରିଥିଲେ।




ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁରରେ ପୂଜା ପାଉଥିବା ଗଣେଶ ମେଢ଼।

# ପୂଜା ପାଇଲେ ବିଘ୍ନରାଜ

**ଅନୁଗୋଳ,୭।୯ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହରରେ ଧୁମ୍‌ଧାମରେ ବିଘ୍ନରାଜଙ୍କ ପୂଜା ଆରମ୍ଭ ହୋଇଛି। ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନ ଆଦିରେ ସକାଳୁ ଅଗ୍ରପୂଜ୍ୟଙ୍କ ଆରାଧନା କରାଯାଇଛି। ଏଥିପାଇଁ କ୍ଲବଗୁଡ଼ିକ ପକ୍ଷରୁ ଆକର୍ଷଣୀୟ ମେଢ଼ ସହ ତୋରଣ ସାଜସଜ୍ଜା କରାଯାଇଥିବାରୁ ସହର ଝଲସି ଉଠୁଛି। ଆସନ୍ତା ୧୪ ତାରିଖରେ ଭସାଣି ଅନୁଷ୍ଠିତ ହେବ। ଚଳିତବର୍ଷ ସହରର ୪୦ଟି ଅନୁଷ୍ଠାନରେ ପୂଜା ପାଳନ ହେଉଛି। ହେମସୁରପଡା, ରାଜକିଶୋରପନା, ଅମଳାପଡା, ବଜାର୍, ଲକ୍ଷ୍ମୀବଜାର, କାଞ୍ଚନ ବଜାର୍, ତୁରଙ୍ଗ ଆଦି ସ୍ଥାନରେ ଆକର୍ଷଣେ ତୋରଣ ଲୋକମାନଙ୍କୁ ଆକର୍ଷିତ କରୁଛି। ରବିବାର ହୁଲୁରସିଂହା ଆଲାମ କ୍ଲବ ପକ୍ଷରୁ କ୍ଲବ ସଦସ୍ୟମାନଙ୍କୁ ନେଇ ନାଟକ ଆୟୋଜନ କରାଯିବ। ସେହିପରି ୟୁନଟେଡ୍ କ୍ଲବ ପକ୍ଷରୁ ଓଡ଼ିଆ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ ହେବ। କ୍ଲବ ଗଣାପତ ଓ ମହାବିନାୟକ କ୍ଲବ ପକ୍ଷରୁ ସନ୍ଧ୍ୟାବେଳେ ଦର୍ଶକଙ୍କୁ ଖିରି କାକରା ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଛି।









## ସଂକ୍ଷେପରେ

### ଟ୍ରେନ୍‌ରୁ ୪ ମୋବାଇଲ ଚୋରି, ଜଣେ ଗିରଫ

ରାଉରକେଲା,୭।୯( ସଙ୍ଗୀତା ଜେନା)

ଦୂରଗାମୀ ଟ୍ରେନ ଗୀତାଞ୍ଜଳିରୁ ଏକକାଳୀନ ୪ଟି ସ୍ମାର୍ଟଫୋନ୍ ଚୋରି ଅଭିଯୋଗରେ ରାଉରକେଲା ଜିଆର୍‌ପି ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲୀ ଅଞ୍ଚଳର ପ୍ରଦୀପ ନାରଙ୍ଗୀ(୨୫)। ତାଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୪୦/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ବାଇକ୍ ଚୋରି, ଯୁବକ ଗିରଫ

ରାଉରକେଲା,୭।୯( ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ ପମ୍ପହାଉସ ବସ୍ତିରୁ ଗତ ୪ ତାରିଖରେ ଜଣଙ୍କ ଘର ସମ୍ମୁଖରୁ ବାଇକ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୨ ଖଡିଆବାହାଲ ସାନ୍ତାଳ ବସ୍ତିର ଡମ୍ବରୁ ମାଝୀ(୨୧)। ତାଙ୍କ ନିକଟରୁ ବାଇକ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୧୨୯/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି।

### ଆର୍‌ଏସ୍‌ପିକୁ ଚିଠି ଲେଖିଲା ପୋଲିସ

**ଦୁର୍ଘଟଣାରେ ପ୍ରାକ୍ତନ ଶିକ୍ଷକଙ୍କ ମୃତ୍ୟୁ ମାମଲା**

ରାଉରକେଲା,୭।୯(ସଙ୍ଗୀତା ଜେନା)

ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍ ନିକଟରେ ଶୁକ୍ରବାର ରାତିରେ ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର ମହାରଣା(୬୧)ଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିଲା। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଅଜଣା ଗାଡ଼ିକୁ ଖୋଜିବା ସିସିଟିଭି, ବିଦ୍ୟୁତ୍ ଲାଇଟ୍, ସ୍ପିଡ୍‌ବ୍ରେକର ଦାବିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହି ଷ୍ଟାଡିୟମ୍ ଅଞ୍ଚଳରେ ବିଦ୍ୟୁତ୍ ଲାଇଟ୍ ନାହିଁ। ଫଳରେ ଏଠାରେ ଦୁର୍ଘଟଣା ହେଉଛି। ତୁରନ୍ତ ଦାବି ପୂରଣ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଖବର ପାଇ ଜୋନ୍-୧ ଡିଏସ୍‌ପି ପୁଷ୍ପାରାଣୀ ନିନ୍‌ଗୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅନ୍ୟପକ୍ଷେ ପୋଲିସ ଶନିବାର ଲୋକଙ୍କ ଦାବି ସମ୍ପର୍କରେ ଇସ୍ପାତ ଅଞ୍ଚଳ ପରିଚାଳନା କରୁଥିବା ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିବା ଜଣାପଡିଛି।

### ଗାନ୍ଧୀ ରୋଡ୍‌ରେ ଗୁଳି ଫୁଟିବା ଚର୍ଚ୍ଚା

ରାଉରକେଲା,୭।୯(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଗାନ୍ଧୀରୋଡ୍ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଗୁଳି ଫୁଟିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ ପକ୍ଷରୁ ତନାଘନା କରାଯାଇଥିଲା। ତେବେ ସେଭଳି କୌଣସି ତଥ୍ୟ ପାଇ ନଥିବା ପୋଲିସ କହିଛି। ଶନିବାର ସକାଳେ ଏହାର ତଦନ୍ତ କରାଯାଇଛି।

### ଜୁଏଲେରିରୁ ଡକାୟତି ଉଦ୍ୟମ ମାମଲା: ଅଟକଙ୍କୁ ଛାଡିଲା ପୋଲିସ

ରାଉରକେଲା,୭।୯(ସଙ୍ଗୀତା ଜେନା)

ଉଦିତନଗର ଥାନା ଅଧୀନ ଆମ୍ବେଡକର ଛକରେ ଥିବା ଏକ ଜୁଏଲେରିରୁ ଶୁକ୍ରବାର ରାତିରେ ସଶସ୍ତ୍ର ଡକାୟତି ଉଦ୍ୟମ ମାମଲାରେ ଲୋକମାନେ ଜଣେ ବ୍ୟକ୍ତିଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ତେବେ ତଦନ୍ତ ପରେ ଉକ୍ତ ବ୍ୟକ୍ତିଙ୍କୁ ଶନିବାର ସକାଳେ ଛାଡି ଦିଆଯାଇଛି ବୋଲି ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି। ମହାପାତ୍ରଙ୍କ କହିବା ଅନୁସାରେ, ରାଧିକା ଜୁଏଲର୍ସରୁ ୪ ଜଣ ଦୁର୍ବୃତ୍ତ ପିସ୍ତଲ ଧରି ଡକାୟତି ଉଦ୍ୟମ କରିଥିଲେ ଏବଂ ୧୦ ଗ୍ରାମ୍‌ର ସୁନାମୁଦି ଧରି ଚମ୍ପଟ ମାରିବା ବେଳେ ସ୍ଥାନୀୟ ଲୋକେ ଜଣଙ୍କୁ କାବୁ କରିଥିଲେ। ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। ସେମାନେ ବାହାର ରାଜ୍ୟର ବୋଲି ସନ୍ଦେହ କରାଯାଉଛି। ଏ ନେଇ ଏକ ମାମଲା (ନଂ.୩୨୫/୨୪) ରୁଜୁ ହୋଇଛି ଏବଂ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରାଯାଇଛି । ସିସିଟିଭି ଓ ଅନ୍ୟ ପ୍ରମାଣକୁ ତର୍ଜମା କରାଯାଉଛି। ଅଭିଯୁକ୍ତମାନେ ଗିରଫ ନ ହେବା ଯାଏ ଅଧିକ ତଥ୍ୟ ପ୍ରଦାନ କରାଯାଇପାରିବ ନାହିଁ ବୋଲି ମହାପାତ୍ର କହିଥିଲେ।



ସମ୍ବଲପୁରରେ ଗଣେଶ ପୂଜା: ବୁଢାରଜା ଦୈନିକ ବଜାର ଛକରେ ମୃଦୁ ପାନୀୟ ବୋତଲରେ ନିର୍ମିତ ଗଣେଶ।



ବାଳିବନ୍ଧା ଛକରେ ସପ୍ତଫେଣୀ ନାଗରେ ଗଣେଶ।



ଚିତ୍ରଗୁପ୍ତ ଛକରେ ୨୦ ହଜାର ରୁଦ୍ରାକ୍ଷରେ ନିର୍ମିତ ଗଣେଶ ।




ନଟରାଜ କ୍ଲବ ମଞ୍ଚରେ ବିରାଟକାୟ ଗଣେଶ।

# ୧୨ ଗିରଫ, ଚୋରି ସାମଗ୍ରୀ, ମାରଣାସ୍ତ୍ର, ନଗଦ ଟଙ୍କା ଜବତ

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)

ବୁଣ୍ଢେଇଗୋଳା ଥାନା ପୋଲିସ ଗତ ୨୨ ଓ ୩୦ ତାରିଖରେ ଘଟିଥିବା ୨ଟି ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ୧୧ଜଣ ଡକାୟତ ଓ ଜଣେ ଚୋରି ସାମଗ୍ରୀ କିଣିଥିବା ଗ୍ରାହକଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫମାନେ ହେଲେ ଅନୁଗୋଳ ଜିଲାର ହରିହର ସାହୁ, ଚୈତନ୍ୟ ବେହେରା, ଶଙ୍କର ଆଚାର୍ଯ୍ୟ, ଦେବାଶିଷ ସାହୁ, କ୍ଷିରୋଦ ସ୍ୱାଇଁ, ସୁନୀଲ ମହାରଣା, ସଞ୍ଜୟ ମାହାର, ପଞ୍ଚାନନ ବେହେରା, ଦିଲୀପ କୁମାର ସାହୁ, ଅମିତ ନାଏକ ଏବଂ ଢେଙ୍କାନାଳ ଜିଲାର ଶୁଭରାଜ ନାଏକ। ଲୁଟ ସାମଗ୍ରୀ ସହିତ ଏହି ଘଟଣାର ବ୍ୟବହୃତ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି-୧୯-ଡବ୍ଲୁ-୨୨୩୪), ଏକ ଟାଟା ମ୍ୟାଜିକ (ନଂ.ଓଡି୧୯କେ-୩୪୦୧), ଗୋଟିଏ କାର (ନଂ. ଓଡି୦୨-ସିକ୍ୟୁ-୧୨୭୧) ଓ ଗୋଟିଏ ବାଇକ (ନଂ. ଓଆର୧୯କେ-୪୬୯୮) ଜବତ କରିଛି। ଏଥିସହ ସେମାନଙ୍କଠାରୁ ୯ଟି ମୋବାଇଲ ଫୋନ, ନଗଦ ୫ହଜାର ୩ଶହ ଟଙ୍କା, ଏକ ପ୍ଲାସ, ଏକ କଟର୍, ପାନା ଓ ସ୍କ୍ରୁ ଡ୍ରାଇଭର ଆଦି ଜବତ କରିଥିବା ଶନିବାର ବୁଣ୍ଢେଇଗୋଳା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଗିରିଫମାନଙ୍କ ସହ ଜବତ ବିଭିନ୍ନ ସାମଗ୍ରୀ ଏବଂ ପୋଲିସ ।

**ଠିକା ସଂସ୍ଥାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଡକାୟତି ଘଟଣା**

ସୂଚନା ଅନୁଯାୟୀ ଗତ ୨୨ ତାରିଖ ବିଳମ୍ବିତ ରାତ୍ରିରେ କେତେକ ଦୁର୍ବୃତ୍ତ ବୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଗରିଆପାଲିସ୍ଥିତ ଏକ ଠିକା ସଂସ୍ଥାର ଷ୍ଟକ ୟାର୍ଡରେ ପଶି କାର୍ଯ୍ୟରତ ସିକ୍ୟୁରିଟି କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସେମାନଙ୍କୁ ହାତଗୋଡ ବାନ୍ଧି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିଲେ। ସେହିପରି ଗତ ୩୦ ତାରିଖ ରାତ୍ରିରେ ଜୁଆଳିଭଙ୍ଗା ଗ୍ରାମର ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭାଙ୍ଗି କପର ୱେୟାର (ତମ୍ବା ତାର) ଚୋରି କରି ନେଇଯାଇଥିଲେ। ଏ ନେଇ ଠିକା ସଂସ୍ଥା କର୍ମଚାରୀ ଦେବଗଡ ପୌରାଞ୍ଚଳ ଖପରସାହିର ଦେବଜ୍ୟୋତି ଧର ଅଭିଯୋଗ କରିବା ପରେ ବୁଣ୍ଢେଇଗୋଳା ଥାନା ପୋଲିସ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ସହାୟତା ନେଇ ଡକାୟତି ଗ୍ୟାଙ୍ଗଙ୍କୁ ଗିରଫ କରିଛି। ଖବରଦାତା ସମ୍ମିଳନୀରେ ବୁଣ୍ଢେଇଗୋଳା ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ଓ ତଦନ୍ତକାରୀ ସବଇନ୍ସପେକ୍ଟର ସନାତନ ମହାରଣା ଉପସ୍ଥିତ ରହିଥିଲେ। ଗିରଫ ଡକାୟତମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ପୂର୍ବରୁ ମଧ୍ୟ ବହୁ ଅପରାଧିକ ମାମଲା ରହିଥିବା ଜଣାପଡିଛି।

# ଆର୍‌ଜିଏଚ୍ ଆଉଟ୍‌ଡୋର ନିକଟରୁ ମହିଳାଙ୍କ ମୃତଦେହ ଜବତ

ରାଉରକେଲା,୭।୯(ସଙ୍ଗୀତା ଜେନା)

- ପରିଜନ ପକାଇ ପଳାଇଥିବା ଅଭିଯୋଗ
- ପଡ଼ିରହିଥିବା ମୃତଦେହକୁ ନେଇ ଉତ୍ତେଜନା

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ଆଉଟ୍‌ଡୋର ନିକଟରେ ଶନିବାର ସକାଳେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଖାନା ପ୍ରାଙ୍ଗଣରେ ଏପରି ଘଟଣାକୁ ନେଇ କିଛି ଲୋକ ହୋହାଲ୍ଲା କରିଥିଲେ। ଆର୍‌ଜିଏଚ୍ କର୍ତ୍ତୃପକ୍ଷ ତୁରନ୍ତ ଏ ସମ୍ପର୍କରେ ରଘୁନାଥପାଲୀ ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ମୃତଦେହ ଜବତ କରିଥିଲା। ମୃତଦେହକୁ ଆର୍‌ଜିଏଚ୍ ମର୍ଗହାଉସରେ ରଖାଯାଇଛି। ତେବେ ମହିଳାଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳି ପାରି ନ ଥିବା ପୋଲିସ କହିଛି।

ଆର୍‌ଜିଏଚ୍ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ପଣ୍ଡିତ ସାହୁଙ୍କ ସୂଚନା ଅନୁସାରେ, ଜଣେ ମହିଳା ରୋଗୀଙ୍କୁ ତାଙ୍କ ପରିଜନ ଡାକ୍ତରଖାନାକୁ ଆଣିଥିଲେ। ଏଠାକୁ ଆସିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ମୃତା ମହିଳା ଓ ତାଙ୍କ ଭାଇ ପ୍ରାୟତଃ ଚିକିତ୍ସା ପାଇଁ ପୂର୍ବରୁ ଡାକ୍ତରଖାନା ଆସୁଥିଲେ। ଶନିବାର ସକାଳେ ତାଙ୍କ ଭାଇ ଭଉଣୀକୁ ଆଣି ଛାଡି କେଉଁଆଡ଼େ ପଳାଇଥିଲେ। ଏହାଦେଖି ସ୍ଥାନୀୟ କିଛି ଲୋକ ମହିଳା ରୋଗୀଙ୍କୁ ଡାକ୍ତରଙ୍କୁ ଦେଖାଇବା ବେଳେ ସେ ମୃତ୍ୟୁବରଣ କରିଥିବା ଜଣାପଡ଼ିଥିଲା ଏବଂ ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ସୂଚନା ଦିଆଯାଇଥିଲା। ଅପରପକ୍ଷେ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମହିଳା ଜଣଙ୍କ କୁଆଡେ ମଧୁସୂଦନପାଲୀରେ ସପରିବାର ରହୁଥିଲେ। ସେ ପ୍ରାୟତଃ ଅସୁସ୍ଥ ରହୁଥିବାରୁ ତାଙ୍କ ଘର ଲୋକ ଡାକ୍ତରଖାନାରେ ଚିକିତ୍ସା କରାଉଥିଲେ। ସମ୍ଭବତଃ ତାଙ୍କୁ ଅବହେଳା କରାଯାଉଥିଲା। ପରିବାର ଲୋକେ ଆଜି ଏପରି ତାଙ୍କୁ ସେଠାରେ ପକାଇ ପଳାଇପାରିଥାନ୍ତି ବୋଲି କୁହାଯାଇଛି। ଏ ସମ୍ପର୍କରେ ରଘୁନାଥପାଲୀ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କୁ ପଚରାଯିବାରୁ ସେ କହିଲେ, ଡାକ୍ତରଖାନା କର୍ତ୍ତୃପକ୍ଷ ଅଜଣା ମୃତଦେହ ମିଳିଥିବା ଏତଲା କରିଥିଲେ। ତଦନ୍ତ ଜାରି ରହିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ ବୋଲି ସ୍ୱାଇଁ କହିଥିଲେ।

# କୁଆଁରମୁଣ୍ଡାରେ ଜାୱା ସମାରୋହ




କୁଆଁରମୁଣ୍ଡାରେ ଅନୁଷ୍ଠିତ ଜାୱା ସମାରୋହରେ କୃତିତ୍ୱ ହାସଲ କରିଥିବା ଦଳଙ୍କୁ ପୁରସ୍କୃତ କରାଯାଉଛି।

କୁଆଁରମୁଣ୍ଡା,୭।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାରେ ଜାୱା ସମାରୋହ ବହୁ ଆଡ଼ମ୍ବରରେ ଶନିବାର ପାଳିତ ହୋଇଯାଇଛି। ତୁଣିଆଟୋଲି ନିକଟସ୍ଥ ଏକଲବ୍ୟ ମଡେଲ ସ୍କୁଲ ପାର୍ଶ୍ୱ ପଡ଼ିଆରେ ଜାୱା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାନପୋଷ ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୦ଟି ନୃତ୍ୟଦଳ ସାମିଲ ହୋଇଥିଲେ। ଶେଷରେ କୃତିତ୍ୱ ହାସଲ କରିଥିବା ଦଳଙ୍କୁ ଉପସ୍ଥିତ ଅତିଥିମାନେ ଢୋଲ ବାଜା ଇତ୍ୟାଦି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିରେ କୁଆଁରମୁଣ୍ଡା ବ୍ଲକ ସିଆଳଯୋର ଦଳ ୧ମ, ଜଳଙ୍ଗବିରା ଦଳ ୩ୟ ହୋଇଥିବା ବେଳେ କଲୁଙ୍ଗା ଦଳ ୨ୟ ସ୍ଥାନ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେୱାନ ରାଜି ପାଡ଼ାହା ବସନ୍ତ କୁମାର ଭଗତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପସ୍ଥିତ ଆଦିଧରମ ଶ୍ରଦ୍ଧାଳୁମାନଙ୍କ ସୁଖ,ସମୃଦ୍ଧି କାମନା କରି କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ବିଶଦଭାବେ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରାଜି ପାଡ଼ାହା ଭାରତ ସହଳକର କୁବା କିଣ୍ଡୋ, ଉପଦେୱାନ ଚାମାନନ୍ଦ ଓରାମ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପୁନମ କଚ୍ଛପଙ୍କ ସହ ଉଷାରାଣୀ ଟପୋ, ମାଙ୍ଗେ ଏକ୍କା, ମଞ୍ଜନ ଓରାମ, ଗନ୍ଧୁର ବାର୍ଲା, ମାକ୍ଲୁ ଏକ୍କା, ଦାସା ଏକ୍କା, ବୁଲୁ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରଥୁ ଓରାମ, ବିକ୍ରମ ଓରାମ, ବସନ୍ତ ଓରାମ, ବାରିଆ କେ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏହା ଆଦିବାସୀମାନଙ୍କର ଏକ ମହାନ କୃଷିଭିତ୍ତିକ ଗଣପର୍ବ। ଏହି ପର୍ବ ପ୍ରତିବର୍ଷ ଗଣେଶ ଚତୁର୍ଥୀ ଦିନ ପାଳିତ ହୋଇଥାଏ। ଏହି ପର୍ବରେ କୁଆଁରୀମାନେ ଜଅକୁ ପୂଜା କରି ମାଟିରେ ପୋତିଥାନ୍ତି। ଏହା ଗଜା ହେଲେ ଉକ୍ତ ଗଜାକୁ ହଳଦୀ ପାଣିରେ ଧୋଇ ପୂଜା କରିଥାନ୍ତି। ସେହିପରି ଏହି ପର୍ବ ପାଳନ ପରଠାରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ସେମାନଙ୍କର ବିବାହ ପ୍ରସ୍ତାବ ପଡ଼ିଥାଏ ଓ ବିବାହ ମଧ୍ୟ ହୋଇଥାଏ ବୋଲି ବସନ୍ତ ଓରାମ ଓ ରଥୁ ଓରାମଙ୍କ ଠାରୁ ସୂଚନା ମିଳିଛି।

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

ବଣାଇଁ, ୭।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକର ଭାଲୁଡୁଙ୍ଗୁରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁକ୍ରବାର ସ୍କୁଲକୁ ଆସିବା ପରେ ଶୋଇ ପଡିଥିବା ବିଷୟ ନେଇ ଅଭିଯୋଗକୁ ଭିତ୍ତିକରି ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଗୁରୁଣ୍ଡିଆ ବ୍ଲକ ଭାଲୁଡୁଙ୍ଗୁରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ରବୀନ୍ଦ୍ର କୁମାର ବାରିକ ଗତ କିଛି ମାସ ହେବ ପ୍ରଧାନ ଶିକ୍ଷକ ଅବସର ନେବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାମ କରି ଆସୁଛନ୍ତି । ପୂର୍ବରୁ ଅନେକ ଥର ଗ୍ରାମବାସୀ ତାଗିଦ କରିଥିଲେ ହେଁ ପ୍ରକୃତିରେ ସୁଧାର ନ ଆସିବାରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିଥିଲେ । ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ତତ୍‌କ୍ଷଣାତ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବାରିକ ଶୋଇଥିବା ଦେଖିବା ପରେ ତାଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ଏହି ତଦନ୍ତ ସମୟରେ ଅଭିଯୋଗକାରୀ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ନୂଆଁଖାଇ: ପ୍ରସ୍ତୁତି ଚୂଡ଼ାନ୍ତ



କୁତ୍ରା ଅଞ୍ଚଳରେ ମହିଳାମାନେ ଖଲି ଦନା ତିଆରି କରୁଛନ୍ତି।

କୁତ୍ରା, ୭।୯ (ଦେବାଶିଷ ସାହୁ)

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଘରେ ଘରେ ସପ୍ତାହ ବ୍ୟାପୀ ପ୍ରସ୍ତୁତି ଚାଲିଥିବାବେଳେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି। ଶନିବାର ସକାଳୁ ପରିବାରର ସଦସ୍ୟମାନେ ଗାଧୋଇ ସାରିବା ପରେ ଜଙ୍ଗଲରୁ ପତ୍ର ତୋଳି ଆଣି କେଉଁଠି ଗାଁ ମୁଣ୍ଡରେ ଏକାଠି ବସି ତ କେଉଁଠି ଘରେ ବସି ଖଲି ଦନା ତିଆରି କରୁଛନ୍ତି। ବିଭିନ୍ନ ସ୍ଥାନରେ ମହିଳାମାନେ ଖଲି ଦନା ତିଆରି କରୁଥିବା ଦେଖିବାକୁ ମିଳିଛି। ଏହି ଖଲି ଦନାରେ ନିଜର ଇଷ୍ଟଦେବତାଙ୍କୁ ତଥା ପିତୃପୁରୁଷଙ୍କ ପାଖରେ ନବାନ୍ନ ଲାଗି ହେବ। ପରେ ସମସ୍ତେ ନୂଆଁ ଚାଉଳରେ ନୂଆଁ ଖାଇବେ। ଏଥିପାଇଁ ପରିବାରର ସମସ୍ତ ସଦସ୍ୟ ଯିଏ ଯେଉଁଠି ରହୁଥିଲେ ମଧ୍ୟ ଆସି ନିଜ ଘରେ ଏକତ୍ରିତ ହୋଇଛନ୍ତି। ପରିବାରର ସମସ୍ତ ସଦସ୍ୟ ନବାନ୍ନ ପ୍ରସାଦ ଗ୍ରହଣ କରିବେ। ପରେ ଗାଁ ଗାଁରେ ଆରମ୍ଭ ହୋଇଯିବ ଜୁହାର ଭେଟଘାଟ, ଭୋଜିଭାତ ଏବଂ ନାଚ ଗୀତ।

# ରାଉରକେଲାରେ ଗଡ଼ିଲା ସୁଭଦ୍ରା ସଚେତନତା ରଥ

ରାଉରକେଲା,୭।୯(ସଙ୍ଗୀତା ଜେନା)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ରାଉରକେଲାରେ ଶନିବାର ୨ଟି ସଚେତନତା ରଥ ଗଡିବା ଆରମ୍ଭ ହୋଇଛି। ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କାର୍ଯ୍ୟାଳୟ ପରିସରରେ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ ସବୁଜ ପତାକା ଦେଖାଇ ଏହି ରଥଦ୍ୱୟର ଶୁଭାରମ୍ଭ କରିଥିଲେ। ଏହି ରଥ ସହରର ସମସ୍ତ ୱାର୍ଡ ଓ ସେକ୍ଟର ୧ରୁ ୨୦ ନମ୍ବର ପର୍ଯ୍ୟନ୍ତ ପରିକ୍ରମା କରିବ। ଉକ୍ତ ସଚେତନତା କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଆର୍‌ଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକ, ଉପପୌରାୟୁକ୍ତ ତରୁଣକାନ୍ତ, ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା, ସିଡ଼ିପିଓ ଦର୍ଶନୀ ଏକ୍କା, ସିଡ଼ିପିଓ ସୁକେଶିନୀ କେର୍କେଟାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆର୍‌ଏମ୍‌ସି ଓ ଇସ୍ପାତ ଅଞ୍ଚଳ ଅଧୀନ ୨୨ ସେକ୍ଟରର ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ସୁବିଧା ମିଳିବାକୁ ଯାଉଛି। ବାର୍ଷିକ ୧୦ ହଜାର ଦୁଇଟି କିସ୍ତିରେ ପ୍ରଦାନ କରାଯିବ। ୪୪ଟି ଅଙ୍ଗନୱାଡି ଓ ଜନସେବା କେନ୍ଦ୍ରରେ ଫର୍ମ ଉପଲବ୍ଧ ରହିଛି। ପ୍ରତ୍ୟେକ ଜନସେବା କେନ୍ଦ୍ର ପାଇଁ ଜଣେ ଲେଖାଏଁ ଆର୍‌ଏମ୍‌ସି କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।




ରାଉରକେଲା ଏଡ଼ିଏମ୍ ସୁଭଦ୍ରା ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

## ନକଲି ସୁଭଦ୍ରା ଯୋଜନା ଫର୍ମ ବିକ୍ରି ୨ ଗିରଫ

ରାଉରକେଲା,୭।୯(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ଏସ୍‌ଟିଆଇ ନିକଟ ଗଣେଶ ମାର୍କେଟରେ ସୁଭଦ୍ରା ଫର୍ମ ବିକ୍ରି ଅଭିଯୋଗରେ ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ରାଜେନ୍ଦ୍ର ଦାସ(୪୦) ଓ ପ୍ରତାପ ସାହୁ(୪୪) ଏବଂ ଉଭୟ ଇଏସ୍‌ଆଇ ହସ୍ପିଟାଲ ନିକଟରେ ରୁହନ୍ତି। ଏ ନେଇ ଏକ ମାମଲା (ନଂ.୪୪୦/୨୪) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଗଣେଶ ମାର୍କେଟରେ ଅଭିଯୁକ୍ତ ଦ୍ୱୟଙ୍କ କମ୍ପ୍ୟୁଟର ଦୋକାନ ରହିଛି। ପ୍ରତାପଙ୍କ ଜନସେବା କେନ୍ଦ୍ରର ଆଇଡି ଥିଲା। ରାଜେନ୍ଦ୍ର ଏହି ଆଇଡି ବ୍ୟବହାର କରି ଇଣ୍ଟରନେଟ୍‌ରୁ ସୁଭଦ୍ରା ଫର୍ମ ଡାଉନଲୋଡ୍ କରି ଲୋକଙ୍କ ବିବରଣୀ ପୂରଣ କରିବା ପରେ ତାକୁ ଅପ୍‌ଲୋଡ୍ କରି ହିତାଧିକାରୀଙ୍କଠାରୁ ଟଙ୍କା ନେଉଥିଲେ। ରାଉରକେଲାରେ ସୁଭଦ୍ରା ଯୋଜନାର ନୋଡାଲ ଅଫିସର ବିଭୂତି ଭୂଷଣ ଖୁଣ୍ଟିଆ ଶୁକ୍ରବାର ସନ୍ଧ୍ୟାରେ ଯାଞ୍ଚ କରୁଥିବା ବେଳେ ନକଲି ଫର୍ମ ବିକ୍ରି ବିଷୟରେ ଜଣାପଡ଼ିଥିଲା। ଏ ନେଇ ସୂଚନା ଆର୍‌ଏମ୍‌ସି କମିଶନରଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଦୋକାନୀଙ୍କୁ ଗିରଫ କରିବା ସହ ବ୍ୟବହୃତ କମ୍ପ୍ୟୁଟର ଜବତ କରିଥିଲା।

